# Akashvani, Sambalpur

# SAMBALPURI NEWS MORNING BULLETIN

## 11 September 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ-ୟୁଏଇ ଆଇ ଆଣ୍ଡ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ୟୁଏଇ ଗସ୍ତର୍ ୨ ନମ୍ବର୍ ଦିନେ ଗଲାକାଏଲ୍ ଦୁବାଇ ନ ୟୁଏଇ ନେତୃତ୍ୱ, ବିଶ୍ୱସ୍ତରୀୟ ନିବେଶକ୍, ଶିଳ୍ପ ପ୍ରତିନିଧି ଆଉ ବାଣିଜ୍ୟିକ୍ ପ୍ରତିଷ୍ଠାନ୍ ମାନ୍କର ସହେତେ ବହୁତ୍‌ଟେ ଉଚ୍ଚସ୍ତରୀୟ ବୈଠକ୍ ଜରିଏ ରାଜ୍ୟର୍ ନିବେଶ୍ ସମ୍ପର୍କକେ ମଜ୍‌ବୁତ୍ କରାଯାଇଛେ । ୨ ନମ୍ବର୍ ଦିନେ ୫ ଟା ଏମ୍‌ଓୟୁ ଆଉ ୮ ଟା ନିବେଶ୍ ଇଚ୍ଛାପତ୍ର ସ୍ୱାକ୍ଷରିତ୍ ହେଇଛେ । ଯେନ୍‌ଟା ମିଲିତ୍ ଭାବେ ୮ ହଜାର୍ ୪ ଶହ ୧୭ କୋଟି ଟଙ୍କାର୍ ନିବେଶ୍ ସମ୍ଭାବନା ଆନ୍‌ବାର୍ ସହେତେ ୧୪ ହଜାର୍ ୩ ଶହ ୧୦ ଟା ନିଯୁକ୍ତି ସୁଯୋଗ୍ ତିଆର୍ କରବାର୍ କ୍ଷମତା ରଖିଛେ ବଲି ଜନାପଡ଼ିଛେ ।

ଓଡିଓପି ଗେଲେରୀ ଆଇ ଆଣ୍ଡ ପି.ଆର

ଓଡ଼ିଶାର୍ ହସ୍ତତନ୍ତ, ହସ୍ତଶିଳ୍ପକେ ବିଶ୍ୱ ବଜାର୍ ନ ପହଁଚାବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁବାଇ ନ ୱ୍ୱାନ୍ ଡିଷ୍ଟିକ୍ଟ-ୱ୍ୱାନ୍ ପ୍ରଡକ୍ଟ ଗେଲେରୀର୍ ଉଦ୍‌ଘାଟନ୍ କରିଛନ୍ । ଗେଲେରୀଥି ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାର୍ ଖାସ୍ କଲା ଆଉ ହସ୍ତଶିଳ୍ପ ଠାନ୍ ପାଇଛେ । ଗେଲେରୀ ନ ସମ୍ବଲ୍‌ପୁରୀ ଶାଢ଼ୀ, କଟକ୍‌ର ମାଣିଆବନ୍ଧା ହସ୍ତଶିଳ୍ପ, ରୂପାତାକସୀ ରାୟଗଡ଼ାର୍ ଡୋଙ୍ଗରିଆ ଶାଲ୍, କେନ୍ଦୁଝର୍‌ର ଟେରାକୋଟା ମୂର୍ତି, ପଟ୍ଟଚିତ, ତାଳପତ୍ର ଖୋଦେଇ ବାଗିର୍ ଭିନ୍ ଭିନ୍ ଦରବ୍ ପ୍ରଦର୍ଶିତ୍ ହେଇଛେ । ଇ ଗେଲେରୀ ଲୋକାଲ୍ ଟୁ ଗ୍ଲୋବାଲ୍ ଯାତ୍ରାକେ ଆହୁରି ବର୍‌କସ୍ କରିକରି ମହିଳା ଉଦ୍ୟୋଗୀମାନ୍‌କୁ ଇ ନୂଆଁ ବଜାର୍ ଆଉ ରପ୍ତାନୀ ସୁଯୋଗ୍ ଦେବାର୍ ଲାଗି ରାହା ଦେଖେଇଛେ ।

ଚାଉଲ୍ ଆଉ ମଡ଼ିଆ ପ୍ରକ୍ରିୟାକରଣ        ଆଇ ଆଣ୍ଡ୍ ପି.ଆର୍

ରାଏଜେ ଚାଷୀମାନ୍‌କୁ ଆର୍ଥିକ୍ ହିସାବେ ସଶକ୍ତ କର୍‌ବାର୍ ଆଉ ସ୍ଥାନୀୟ ଦେଶୀ ଖାଦ୍ୟ ଶସ୍ୟର୍ ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ଲାଗି ରାଜ୍ୟ

ସର୍କାର୍ ଗୁଟେ ଆଧୁନିକ୍ ଚାଉଲ୍ ଆଉ ମଡ଼ିଆ ପ୍ରକ୍ରିୟାକରଣ୍ କେନ୍ଦ୍ର ଥାପ୍ନା କର୍ବାର୍ ଲାଗି ଯୋଜ୍ନା କରିଛନ୍ । ଇ ବାବ୍ଦେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଫିଲିପାଇନ୍ସ ନ ଥିବା ଅନ୍ତର୍ଜାତୀୟ ଧାନ୍ ଗବେଷଣା ଅନୁସନ୍ଧାନ୍ କେନ୍ଦ୍ରର୍ ମୁଖ୍ୟ ବୈଜ୍ଞାନିକ୍ ଡକ୍ଟର୍ ନେସେ ଶ୍ରୀନିବାସୁଲୁ ଙ୍କର ସହେତେ ବିଭାଗୀୟ କମିଶନର୍ ଆଉ ଶାସନ୍ ସଚିବ ମାନେ ଯୋଗ୍ ଦେଇଥିଲେ । ୩ ହଜାର୍ ୮ ଶହ ୪୫ ବର୍ଗମିଟର୍ ଇଲାକା ନ ତିଆର୍ ହେବାର୍କେ ଥିବା କାର୍ଖାନା, ଚାଷୀ, କୃଷକ୍ ଉତ୍ପାଦକ ସଂଗଠନ୍, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ବେସର୍କାରୀ ସହଯୋଗ୍ ଆଉ ସର୍କାରୀ ଅନୁଷ୍ଠାନ୍ ମାନ୍କର୍ ମିଳିତ୍ ସହଯୋଗ୍ଥି ପରିଚାଳିତ୍ ହେବା ।

ହୋମିଓପାଥିକ୍ ମେଡ଼ିକାଲ୍ କଲେଜ୍ ହି.ସ.

ରାଏଜେ ୪ ଟା ଆୟୁର୍ବେଦିକ୍ ଆଉ ୨ ଟା ହୋମିଓପାଥିକ୍ ମେଡ଼ିକାଲ୍ କଲେଜ୍ ଥାପ୍ନା କରାଯିବା । ମୟୁରଭଞ୍ଜ୍ ଜିଲ୍ଲାର୍

ରାଇରଙ୍ଗ୍‌ପୁର୍‌ଠାନେ ଆୟୁର୍ବେଦିକ୍ ମେଡ଼ିକାଲ୍ କଲେଜ୍‌ର ଭିତିପ୍ରସ୍ତର୍ ଥାପ୍‌ନା କରାଯାଇଛେ । ଖୋବ୍ ଜଲ୍‌ଦି  ରାୟଗଡ଼ା, ଗଜପତି ଆଉ ମାଲ୍‌କାନ୍‌ଗିରି ନ ଭିଲ୍ ଆୟୁର୍ବେଦିକ୍ ମେଡ଼ିକାଲ୍ କଲେଜ୍ ପ୍ରତିଷ୍ଠା ଲାଗି ପଦକ୍ଷେପ୍ ନିଆଯିବା ବଲି ଗଲାକାଏଲ୍ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ଘୋଷ୍‌ନା କରିଛନ୍ । ଭୁବନେଶ୍ୱର୍ ଠାନେ କେନ୍ଦ୍ରୀୟ ଆୟୁର୍ବେଦ୍ ଗବେଷଣା ପ୍ରତିଷ୍ଠାନ୍ ଆଉ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍‌ର ହାଇଦ୍ରାବାଦ୍ ନ ଥିବା ସିସି ନେସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ମେଡ଼ିକାଲ୍ ହେରିଟେଜ୍ ତର୍‌ଫୁ ଆୟୋଜିତ୍ କାର୍ଯ୍ୟକ୍ରମ୍‌ଥି ଯୋଗ ଦଇକରି ସ୍ୱାସ୍ଥ୍ୟମନ୍ତ୍ରୀ ଇଟା କହିଛନ୍ । କାର୍ଯ୍ୟକ୍ରମ୍‌ଥି ତାଲପତ୍ର ପୋଥି ଆଉ ପ୍ରାଚୀନ୍ ଚିକିତ୍ସା ଜ୍ଞାନ୍‌ର ସଂରକ୍ଷଣ୍, ଅଧ୍ୟୟନ୍ ଆଉ ଗବେଷଣା ବାବ୍‌ଦେ ଭିଲ୍ ଆଲୋଚନା ହେଇଥିଲା । ଇ ଅବ୍‌ସରେ ଓଡ଼ିଶା ନ ପାରମ୍ପରିକ୍ ଚିକିତ୍ସା ପଦ୍ଧତି ଖାସ୍ କରି ଆୟୁର୍ବେଦ୍‌କେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ସପ୍ତପୁରୀ ଆମାବାସ୍ୟା          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ସପ୍ତପୁରୀ ଅମାବାସ୍ୟ ନୀତି ପାଲନ୍ କରାଯିବା । ଇ ନୀତି ଲାଗି କୁମ୍ଭାର୍ପଡ଼ା ପାଶେ ଥିବା ମା ଆଲମ୍ଚଣ୍ଡୀ ମନ୍ଦିର୍ ନ ଖାସ୍ କରି ତିଆର୍ ୪ ଟା ମାଟିର୍ ତାଡ଼ ଶ୍ରୀମନ୍ଦିର୍କେ ବିଜେ କରାଯାଇଛେ । ଇତାକେ ଶ୍ରୀମନ୍ଦିର୍ ରୋଷଘର ପାଶେ ରଖାଯାଇଛେ । ପରମ୍ପରା ଅନ୍ସାରେ ଶ୍ରୀମନ୍ଦିର୍ ନ ମା ଦକ୍ଷିଣ୍କାଳୀ ମନ୍ଦିର୍କେ ଆଜ୍ଞାମାଳ ବିଜେ ହେବା । ଆଏଜ୍ ମା ଦକ୍ଷିଣକାଳୀ ମହାପ୍ରଭୁଙ୍କର୍ ଲାଗି ୭ ପ୍ରକାରର୍ ପୁର୍ ଦିଆ ପିଠା ତିଆର୍ କର୍ବେ । ଇ ପିଠା ଖାସ୍ କରି ମାଟିର୍ ତାଡ଼ଥି ସକାଳ ଧୂପ ନୀତି ଉତ୍ରୁ ଲାଗି କରାଯିବାର୍ ବିଧି ରହିଛେ ।

ବିଏଡ୍ ନାଁଲେଖା ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଚଲ୍ତି ଶିକ୍ଷା ବଛର୍ନୁ ୪ ବର୍ଷିଆ ଇଂଟିଗ୍ରେଟେଡ୍ ଟିଚର୍ ଏଜୁକେସନ୍ ପ୍ରୋଗ୍ରାମ୍ ଆଉ ବିଏଡ୍ ନାଁଲେଖା ମୁଲ୍ ହେଇଛେ । ଇତାର୍ ପହେଲା ଖେପ୍ ନାଁଲେଖା ପ୍ରକ୍ରିୟା ଶେଷ୍ ହେଇଥିବାର୍ ବେଲେ ଅଗ୍ଲିଥିବାର୍ ସିଟ୍ ଲାଗି ୨ ନମ୍ବର୍ ଖେପ୍ ନାଁଲେଖା ହେବା । ଇଥିର୍ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ସାମ୍ସ ପୋର୍ଟାଲ୍ ଜରିଏ ଗଲାକାଏଲ୍‌ନୁ ୨୦ ତାରିଖ୍‌ନୁ ଅନ୍‌ଲାଇନ୍ ଜରିଏ ନାଁଲେଖାଯାଇପାର୍‌ବା । ୨୪ ତାରିଖ୍ ନାଁଲେଖା ଲାଗି ମେଧା ତାଲିକା ବାହାର୍‌ବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଦିଶା ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାର୍ ବିକାଶ୍ ସମନ୍ୱୟ ଆଉ ତଦାରଖ୍ କମିଟି ଦିଶା ଲାଗି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଆଏବା ୧୬ ତାରିଖ୍ ହେବାର୍‌କେ ଥିବା ବୈଠକ୍‌ଥି ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ବୈଠକ୍ ନ ଭିନ୍ ଭିନ୍ ବିଭାଗୀୟ ଅଧିକାରୀମାନ୍‌କୁ ବିକାଶ୍ କାମ୍‌ର ଅଗ୍ରଗତି ବାବଦ୍ ରିପୋର୍ଟ ତିଆର୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଡିଏନ୍‌ସି ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ପୁଷ୍ଟିସାର କମିଟି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଇଥି ଅଙ୍ଗନବାଡ଼ି ସେବା ଅଧୀନ୍‌ଥି ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ସମୀକ୍ଷା କରାଯାଇଥିଲା । ବୈଠକ୍‌ଥି ଜିଲ୍ଲା ସମାଜ୍ ମଙ୍ଗଳ ଅଧିକାରୀଙ୍କର୍ ସହେତେ ଅଲ୍‌ଗା ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାର୍ ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆଏବା ୨୪ ଘଂଟା ଭିତ୍‌ରେ ଧୁକାଗର୍ଡ଼ି, ବିଜ୍‌ଲି ମାରିକରି ଅତି ଜବର୍ ବର୍ଷା ହେବା ବଲି କଲାହାଣ୍ଡି, ନବରଙ୍ଗ୍‌ପୁର୍ ଆଉ କୋରାପୁଟ୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । କଲାହାଣ୍ଡି ଜିଲ୍ଲା ନ ଜବର୍ ବର୍ଷା ସମ୍ଭାବନା ଥିବାର୍‌ନୁ ଆଏଜ୍ ଜିଲ୍ଲାର୍ ସବୁ ସ୍କୁଲ୍ ଛୁଟି ଘୋଷ୍‌ନା କରାଯାଇଛେ ।